# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 September– 2026

---

# ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଅପରାହ୍ନରେ ସମ୍ବଲପୁର ଜିଲ୍ଲା ମଧୁପୁରସ୍ଥିତ ଜମାଦାରପାଲୀ ରୋଡ୍‌ଠାରେ ଡପଲର ପାଣିପାଗ ରାଡାରର ଉଦ୍‌ଘାଟନ କରିବେ । ଏହା ସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟଠାରେ ସାଧାରଣ ସଭାରେ ଯୋଗଦେବେ । କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟ ମନ୍ତ୍ରୀ, ସାଂସଦ ଓ ବିଧାୟକ ଉପସ୍ଥିତ ରହିବେ । ଡପଲର ରାଡାର ହୀରାକୁଦ ନଦୀବନ୍ଧର ପ୍ରଭାବଶାଳୀ ଜଳ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ବଜ୍ରପାତ, କାଳବୈଶାଖୀ ଓ ପ୍ରବଳ ବର୍ଷା ଆଦିର ଆଗୁଆ ସତର୍କ ସୂଚନା ଦେବ । ଜଳସେଚନ ଓ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାରେ ପାଣିପାଗର ପୂର୍ବାନୁମାନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

---

# ୟୁପିଆଇ

ବ୍ୟକ୍ତିଗତ ସ୍ତରରେ କୌଣସି ପ୍ରକାର ୟୁପିଆଇ କାରବାର ପାଇଁ ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଏପରିକି କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ବାଣିଜ୍ୟ ରିହାତି ହାର ଢ଼ାଞ୍ଚାରେ ଅନ୍ତର୍ଭୁକ୍ତ କରିବା

ପାଇଁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ନେଣଦେଣ ନିଃଶୁଳ୍କ ରହିବ । ତେବେ ବାଣିଜ୍ୟ ରିହାତି ବା ମର୍ଚାଣ୍ଟ ଡିସ୍କାଉଣ୍ଟ ହାର ବ୍ୟବସ୍ଥା ୨୦୦୦ରୁ ଅଧିକ ନିର୍ଦ୍ଦିଷ୍ଟ ବ୍ୟବସାୟୀକ କାରବାର ପାଇଁ ଲାଗୁ କରାଯିବ  ବୋଲି ଭାରତୀୟ ଜାତୀୟ ପେମେଣ୍ଟ ନିଗମ ପକ୍ଷରୁ କୁହାଯାଇଛି । ବାଣିଜ୍ୟ ରିହାତି ହାର ଅଧୀନରେ ୨୦୦୦ ଟଙ୍କାରୁ ଅଧିକ ଟଙ୍କାର ବ୍ୟବସାୟୀକ କାରବାର ପାଇଁ ଶୂନ୍ ଦଶମିକ ୪ ପ୍ରତିଶତ ଶୁଳ୍କ ଲାଗୁ ହେବ । ତେବେ ୭୫ ହଜାର ଟଙ୍କା କିମ୍ବା ତା’ଠାରୁ ଅଧିକ ପ୍ରତ୍ୟେକ ମୂଲ୍ୟର କାରବାର ପାଇଁ ବାଣିଜ୍ୟ ରିହାତି ହାର ଶୁଳ୍କ ୩୦୦ ଟଙ୍କା ମଧ୍ୟରେ ସୀମିତ ରହିବ ।

## ପୋଲିସ୍ ମହାନିର୍ଦ୍ଦେଶକ ଚୟନ ଶୁଣାଣି

ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଚୟନ ନେଇ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହେବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଭି. ମୋହନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିବେ ।

## ଓରାଙ୍ଗଓଟାନ୍-ଯାଞ୍ଚ

ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ୫ଟି ଶାବକ ଓରାଙ୍ଗଓଟାନ ଉଦ୍ଧାର ଘଟଣାରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ଟାସ୍କଫୋର୍ସ-ଏସ୍‌ଟିଏଫ୍ ରାଜ୍ୟ ବାହାରେ ମଧ୍ଯ ଯାଞ୍ଚକୁ ଗୁରୁତ୍ୱ ଦେଉଛି । ବର୍ତ୍ତମାନ ଏସ୍‌ଟିଏଫ୍ ଆସାମ, ମିଜୋରାମ ଓ ମହାରାଷ୍ଟ୍ର ପୋଲିସ୍‌ର ସହାୟତା ଲୋଡ଼ିଛି । ପୂର୍ବରୁ ଏହି ରାଜ୍ୟଗୁଡ଼ିକରୁ ଓରାଙ୍ଗଓଟାନ୍ ଉଦ୍ଧାର ହୋଇଥିବାରୁ ଅଧିକ ତଥ୍ୟ ହାସଲ ପାଇଁ ଏସ୍‌ଟିଏଫ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ସେବା ସଂକଳ୍ପ ଅଭିଯାନ

ଦେଶବ୍ୟାପୀ ଆସନ୍ତାକାଲିଠାରୁ ସେବା ସଂକଳ୍ପ ଅଭିଯାନ ଆରମ୍ଭ ହେଉଛି । ଏହି ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗଣମାଧ୍ୟମକୁ ସମ୍ବୋଧିତ କରିବେ । ସେବା ସଂକଳ୍ପ ଅଭିଯାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଶୀବାଦର ଦୀପ ଜାଳିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ରାଷ୍ଟ୍ରପତି ଭବନ-ନୂଆଁଖାଇ

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିସରରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାଂସ୍କୃତିକ ସନ୍ଧ୍ୟାରେ ପାରମ୍ପରିକ କଳା ଓ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା ।

## ଋଷୀ ପଞ୍ଚମୀ

ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ସାତ ପାହାଚଠାରେ ଥିବା ପାଲିଙ୍କିରେ ବିଜେ ହୋଇ ମାର୍କଣ୍ଡ ମନ୍ଦିର ଅଭିମୁଖେ ଯାତ୍ରା କରିବେ । ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷିପଞ୍ଚମୀ ପ୍ରଥା ପାଳିବେ । ଶ୍ରୀମନ୍ଦିରରେ ଗତକାଲି ଅନ୍ଧହାତୀ ଲୀଳା ନୀତି ସଂପନ୍ନ ହୋଇଥିଲା ।

# ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି। ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣକରିଥିବା ଐତିହାସିକ ମଣ୍ଟ୍ରିଲ ମାର୍ଗଦର୍ଶିକାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇ ଆସୁଛି । ଚଳିତବର୍ଷର ପ୍ରସଙ୍ଗ ରହିଛି **ଏକ ଶୀତଳ ଗ୍ରହ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ।** ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ସମର ଅଭ୍ୟାସ

ପାରାଦୀପରେ ଆଜିଠାରୁ ମିଳିତ ସମର ଅଭ୍ୟାସ ସାଗର କବଚ-୨ ଆରମ୍ଭ ହେଉଛି । ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ ଏବଂ ସାମୁଦ୍ରିକ ପୋଲିସ୍ ମିଳିତ ଭାବରେ ଏହି ଅଭ୍ୟାସ କରିବେ ।

# ଟି-୨୦

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ । ଏଥିରେ ୬ଟି ଦଳ ଭାଗ ନେବେ । ଏହି ପ୍ରତିଯୋଗିତା ଖେଳାଳିମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତାମୂଳକ ଭାବନା ଜାଗ୍ରତ କରିବା ସହ

ରାଜ୍ୟରେ କ୍ରିକେଟ୍ ଢ଼ାଞ୍ଚାକୁ ଆହୁରି ସୁଦୃଢ଼ କରିବ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ।

---